# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

### 20th November - 2024

### News Editor : *Itishree Singh Rathuar*

*********************************

## ମୁଖ୍ୟ ସମ୍ବାଦ

- ରାଜ୍ୟରେ ଖରିଫ ଧାନକିଣା ପ୍ରକ୍ରିୟା ଆଜିଠାରୁ ହେଲା ଆରମ୍ଭ ।

— ବରଗଡ଼ ଜିଲ୍ଲାରୁ ଶୁଭାରମ୍ଭ କଲେ ଖାଦ୍ୟ ଯୋଗାଣ ମନ୍ତ୍ରୀ ।

- ସାମୁଦ୍ରିକ ବାତ୍ୟା 'ଦାନା'ର କ୍ଷୟକ୍ଷତିର ଆକଳନ କରିବା ପାଇଁ ୩ ଦିନିଆ ଓଡ଼ିଶା ଗସ୍ତରେ ଆସିବେ କେନ୍ଦ୍ରୀୟ ଦଳ ।

- ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦର ଯୁକ୍ତ ଦୁଇ ପରୀକ୍ଷା ଆସନ୍ତା ଫେବୃୟାରୀ ମାସ ୧୮ ତାରିଖରୁ ହେବ ଆରମ୍ଭ ।

ଏବଂ

- ଶିଶୁ ଅଧିକାର ସମ୍ପର୍କିତ ବାର୍ତ୍ତା ନେଇ ଆଜି ପାଳନ କରାଯାଉଛି ବିଶ୍ୱ ଶିଶୁ ଦିବସ ।

*Desk*

# ଧାନସଂଗ୍ରହ ଆରମ୍ଭ

ରାଜ୍ୟରେ ଖରିଫ୍ ଧାନକିଣା ପ୍ରକ୍ରିୟା ଆଜିଠାରୁ ଆରମ୍ଭ ହୋଇଛି। ବରଗଡ଼ ଜିଲ୍ଲାରେ ଖାଦ୍ୟଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ବିଧିବଦ୍ଧ ଭାବେ ଧାନକିଣା ପ୍ରକ୍ରିୟା ଆରମ୍ଭ କରିଛନ୍ତି। ଜିଲ୍ଲାର ତିନୋଟି ମଣ୍ଡିରେ ଆଜିଠାରୁ ଚାଷୀମାନେ ଧାନ ବିକ୍ରି କରିପାରୁଛନ୍ତି। ପ୍ରଥମେ କଳାପାଣି ମଣ୍ଡିରୁ ଧାନ ସଂଗ୍ରହ ହୋଇଥିବା ବେଳେ ପରେ ଅତାବିରା ଓ ଗୋଡ଼ଭଗା ମଣ୍ଡିରୁ ଧାନ ସଂଗ୍ରହ ଆରମ୍ଭ ହୋଇଛି। ଆସନ୍ତାକାଲି ସମ୍ବଲପୁରରେ ଧାନକିଣା ଆରମ୍ଭ ହେବ। ମନ୍ତ୍ରୀ ଶ୍ରୀ ପାତ୍ର କହିଛନ୍ତି ଧାନକିଣାଠାରୁ ଆରମ୍ଭ କରି ବିକ୍ରି ପର୍ଯ୍ୟନ୍ତ ସମସ୍ତ ପ୍ରକ୍ରିୟା ଉପରେ ସରକାରଙ୍କ ତୀକ୍ଷ୍ଣ ନଜର ରହିବ।

ଚାଷୀଙ୍କଠାରୁ କୁଇଣ୍ଟାଲ୍ ପିଛା ୩ ହଜାର ୧୦୦ ଟଙ୍କାରେ ଧାନ ସଂଗ୍ରହ କରାଯିବ । କେନ୍ଦ୍ର ସରକାରଙ୍କ ଦ୍ୱାରା ଧାର୍ଯ୍ୟ ସର୍ବନିମ୍ନ ସହାୟକ ମୂଲ୍ୟ ଉପରେ ରାଜ୍ୟ ସରକାରଙ୍କ ପକ୍ଷରୁ କୁଇଣ୍ଟାଲ୍ ପିଛା ୮୦୦ ଟଙ୍କା ଅଧିକ ପ୍ରଦାନ କରିବେ ବୋଲି ଗତକାଲି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି। ସୂଚନାଯୋଗ୍ୟ ରାଜ୍ୟ ସରକାର ଚଳିତ ଖରିଫ ଋତୁରେ ୮୦ ଲକ୍ଷ ମେଟ୍ରିକ୍ ଟନ୍ ଧାନ ସଂଗ୍ରହ ପାଇଁ ଲକ୍ଷ୍ୟ ରଖିଛନ୍ତି। ଧାନ ସଂଗ୍ରହ ପ୍ରକ୍ରିୟା ଆସନ୍ତା ଜାନୁଆରୀ ଶେଷ ପର୍ଯ୍ୟନ୍ତ ଚାଲିବ ବୋଲି ଜଣାପଡ଼ିଛି। କୃଷକ ଓଡ଼ିଶା ପୋର୍ଟାଲ୍‌ର ତଥ୍ୟ ଅନୁସାରେ ରାଜ୍ୟରେ ସମୁଦାୟ ୮୭ ଲକ୍ଷ ୪ ହଜାର

ଚାଷୀ ଅଛନ୍ତି । ଚଳିତ ବର୍ଷ ଧାନ ବିକ୍ରିପାଇଁ ପ୍ରାୟ ସାଢ଼େ ୧୭ ଲକ୍ଷ ଚାଷୀ ନାମ ପଞ୍ଜୀକରଣ କରିଥିବା ଜଣାପଡ଼ିଛି ।

***Bolangir/R***

## ଧାନସଂଗ୍ରହ - ବୈଠକ

ବଲାଙ୍ଗିରଠାରେ ଜିଲ୍ଲାସ୍ତରୀୟ ଧାନସଂଗ୍ରହ କମିଟି ବୈଠକ ଆଜି ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଆୟୋଜିତ ବୈଠକରେ ମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ ଏବଂ ଜିଲ୍ଲାର ସାଂସଦ ଓ ବିଧାୟକଙ୍କ ସହ ଜିଲ୍ଲାପାଳ ପ୍ରମୁଖ ଯୋଗ ଦେଇଥିଲେ । ଆସନ୍ତା ଡିସେମ୍ବର ମାସ ୨ ତାରିଖଠାରୁ ପର୍ଯ୍ୟାୟକ୍ରମେ ପଞ୍ଜିକୃତ ୯୫ ହଜାର ୮୭ ଜଣ ଚାଷୀଙ୍କଠାରୁ ୧୭୬ଟି ମଣ୍ଡି ମାଧ୍ୟମରେ ଧାନ ସଂଗ୍ରହ କରାଯିବାର ଲକ୍ଷ୍ୟ ରଖାଯାଇଛି । ଚାଷୀମାନଙ୍କ ସୁବିଧାପାଇଁ ମଣ୍ଡିରେ ପର୍ଯ୍ୟାପ୍ତ ସୁବିଧା ଯୋଗାଇଦେବା ସହ ଚାଷୀମାନେ ଯେପରି କଟ୍‌ନୀ ଛଟ୍‌ନୀର ଶିକାର ନ ହେବେ, ସେଥିପ୍ରତି ବିଭାଗୀୟ ଅଧିକାରୀମାନେ ଦୃଷ୍ଟି ଦେବାକୁ ଜିଲ୍ଲାପାଳ କହିଛନ୍ତି ।

*Desk*

# ମନ୍ କୀ ବାତ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତା ୨୪ ତାରିଖ ରବିବାର ଦିନ ଆକାଶବାଣୀର ମନ୍ କି ବାତ୍ କାର୍ଯ୍ୟକ୍ରମରେ ଦେଶବାସୀଙ୍କ ସହ ଭାବ ବିନିମୟ କରିବେ। ଏହା ପ୍ରଧାନମନ୍ତ୍ରୀଙ୍କ  ମନ୍ କୀ ବାତ୍ କାର୍ଯ୍ୟକ୍ରମର ୧୧୬ତମ ସଂସ୍କରଣ ହେବ। ମନ୍ କି ବାତ୍ କାର୍ଯ୍ୟକ୍ରମ ଆକାଶବାଣୀ ଓ ଦୂରଦର୍ଶନର ସମସ୍ତ କେନ୍ଦ୍ର, ଆକାଶବାଣୀ ସମ୍ବାଦ ୱେବ୍‌ସାଇଟ୍ ଓ ନ୍ୟୁଜ୍ ଅନ୍ ଏ.ଆଇ.ଆର୍. ମୋବାଇଲ୍ ଆପ୍‌ରେ ଉପଲବ୍ଧ ହେବ। ଆକାଶବାଣୀ ସମ୍ବାଦ, ଡି.ଡି. ନ୍ୟୁଜ୍, ପି.ଏମ୍.ଓ. ଏବଂ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ୟୁଟ୍ୟୁବ୍ ଚ୍ୟାନେଲ୍‌ରେ ପ୍ରଧାନମନ୍ତ୍ରୀଙ୍କର ମନ୍ କୀ ବାତ୍ କାର୍ଯ୍ୟକ୍ରମର ଲାଇଭ୍ ଷ୍ଟ୍ରିମିଙ୍ଗ୍ ହେବ। ପ୍ରଧାନମନ୍ତ୍ରୀଙ୍କର ସମ୍ବୋଧନ ପରେ ଆଞ୍ଚଳିକ ଭାଷାରେ ମନ୍ କୀ ବାତ୍ ପ୍ରସାରଣ କରାଯିବ। ଆଞ୍ଚଳିକ ଭାଷାରେ ମନ୍ କି ବାତ୍‌ର ଭାଷାନ୍ତର ପୁଣିଥରେ ସେହିଦିନ ରାତି ୮ଟାରେ ପ୍ରସାରଣ କରାଯିବ।

*Desk*

## ଦାନା - କେନ୍ଦ୍ରୀୟ ଟିମ୍

ସାମୁଦ୍ରିକ ବାତ୍ୟା 'ଦାନା'ର କ୍ଷୟକ୍ଷତିର ଆକଳନ କରିବା ପାଇଁ ଆସନ୍ତା ୨୪ ତାରିଖ ଦିନ ଏକ କେନ୍ଦ୍ରୀୟ ଦଳ ଓଡ଼ିଶା ଗସ୍ତରେ ଆସିବେ ବୋଲି ରାଜସ୍ୱ ଏବଂ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି। ଗୃହ ମନ୍ତ୍ରଣାଳୟର ଯୁଗ୍ମ ସଚିବ ପି.କେ. ରାୟଙ୍କ ଅଧ୍ୟକ୍ଷତାରେ ୭ ଜଣିଆ ଦଳ ବାଲେଶ୍ୱର, ଭଦ୍ରକ ଏବଂ କେନ୍ଦ୍ରାପଡ଼ା ଜିଲ୍ଲାର ବାତ୍ୟା ପ୍ରଭାବିତ ଅଞ୍ଚଳ ଗସ୍ତକରି କ୍ଷୟକ୍ଷତିର ଆକଳନ କରିବେ। କେନ୍ଦ୍ରୀୟ ଦଳ ଏହି ୩ଟି ଜିଲ୍ଲା ଗସ୍ତ ଶେଷକରି ୨୬ ତାରିଖରେ ଭୁବନେଶ୍ୱରରେ ବରିଷ୍ଠ ଅଧିକାରୀମାନଙ୍କ ସହ ଏକ ବୈଠକ କରିବାର କାର୍ଯ୍ୟକ୍ରମ ରହିଛି।

*HS*

## ଯୁକ୍ତ ଦୁଇ ପରୀକ୍ଷା

ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ଯୁକ୍ତ ଦୁଇ ପରୀକ୍ଷା ନେଇ କାର୍ଯ୍ୟସୂଚୀ ଜାରି କରାଯାଇଛି । ଆସନ୍ତା ଫେବ୍ରୁଆରୀ ୧୮ ତାରିଖରୁ ଆରମ୍ଭ ହୋଇ ମାର୍ଚ୍ଚ ମାସ ୨୭ ତାରିଖ ପର୍ଯ୍ୟନ୍ତ ଚାଲିବ । ୧୮ ତାରିଖରେ ବିଜ୍ଞାନ

ବିଭାଗର ମାତୃଭାଷା ଏବଂ ୧୯ ତାରିଖରେ କଳା ଓ ବାଣିଜ୍ୟ ପିଲାଙ୍କ ମାତୃଭାଷା ପରୀକ୍ଷା ଅନୁଷ୍ଠିତ ହେବ ।

***HS***

# ଡି.ଏଫ୍.ଓ. - କ୍ଷେତ୍ର ପରିଦର୍ଶନ

ଜଙ୍ଗଲର ରକ୍ଷଣାବେକ୍ଷଣ ତଦାରଖ କରିବାପାଇଁ ନିୟମିତ ଭାବରେ ବନଖଣ୍ଡ ଅଧିକାରୀମାନେ କ୍ଷେତ୍ର ପରିଦର୍ଶନ କରିବେ ବୋଲି ବିଭାଗୀୟ ସଚିବ ସତ୍ୟବ୍ରତ ସାହୁ କହିଛନ୍ତି । ବନୀକରଣ ସହ ରକ୍ଷଣାବେକ୍ଷଣ ଉପରେ ଗୁରୁତ୍ୱ ଦିଆଯାଉଛି । ହାତୀମୃତ୍ୟୁ ଘଟଣାକୁ ସରକାର ଗୁରୁତର ସହ ବିଚାର କରୁଛନ୍ତି । ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ । ବିଦ୍ୟୁତ୍ ଆଘାତରେ ହାତୀମୃତ୍ୟୁକୁ କିଭଳି ରୋକାଯାଇପାରିବ, ସେ ସମ୍ପର୍କରେ ଶକ୍ତି ବିଭାଗ  ସହିତ ଆଲୋଚନା ଚାଲିଛି ବୋଲି ସଚିବ ଶ୍ରୀ ସାହୁ କହିଛନ୍ତି ।

***Bhadrak/R***

# ଉଚ୍ଚଶିକ୍ଷା ମନ୍ତ୍ରୀ - ସମୀକ୍ଷା ବୈଠକ

ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଆଜି ଭଦ୍ରକ ଜିଲ୍ଲା ଗସ୍ତରେ ଯାଇ କେତେକ ପ୍ରକଳ୍ପର ଉଦ୍‌ଘାଟନ କରିବା ସହିତ ବିଭିନ୍ନ ଯୋଜନାର ସମୀକ୍ଷା ବୈଠକରେ ଯୋଗ ଦେଇଥିଲେ । ଧାମନଗର ମହାବିଦ୍ୟାଳୟର ବିଭିନ୍ନ

ଉନ୍ନୟନମୂଳକ କାର୍ଯ୍ୟପାଇଁ ୭ କୋଟି ୫୦ ଲକ୍ଷ ଟଙ୍କାର ସହାୟତା ରାଶି ମଞ୍ଜୁର କରିବା ସହ ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ କରିଥିଲେ । ଧାମନଗର ପଞ୍ଚାୟତ ସମିତି କାର୍ଯ୍ୟାଳୟର ସଭାଗୃହରେ ଆୟୋଜିତ ବୈଠକରେ ଯୋଗଦେଇ ରାଜ୍ୟ ଏବଂ କେନ୍ଦ୍ର ସରକାରଙ୍କ ପକ୍ଷରୁ ମିଳିଥିବା ବିଭିନ୍ନ ସହାୟତା ରାଶିରେ ନିର୍ମିତ ପ୍ରକଳ୍ପ ଓ ଯୋଜନାଗୁଡ଼ିକର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରିଥିଲେ । ଜିଲ୍ଲାରେ କାର୍ଯ୍ୟକାରୀ ହେଉଥିବା ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ଜଳସେଚନ, ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଆଦିକୁ ତ୍ୱରାନିତ କରିବାପାଇଁ ବିଭାଗୀୟ ଅଧିକାରୀମାନଙ୍କୁ ମନ୍ତ୍ରୀ ଶ୍ରୀ ସୂରଜ ପରାମର୍ଶ ଦେଇଥିଲେ ।

***Puri, Boudh, Jajpur/R***

## ମତ୍ସ୍ୟ-ପ୍ରାଣୀସମ୍ପଦ ମେଳା

ପୁରୀ ଜିଲ୍ଲାସ୍ତରୀୟ ମତ୍ସ୍ୟ ଓ ପ୍ରାଣୀସମ୍ପଦ ମେଳା ଆସନ୍ତାକାଲି ଏବଂ ଶୁକ୍ରବାର ଶରଧାବାଲିଠାରେ ଆୟୋଜିତ ହେବ । ଏଥିରେ ୩୦ଟି ଷ୍ଟଲ୍ ସହ ଦୈନିକ ୭ ଶହରୁ ଉର୍ଦ୍ଧ୍ୱ ମତ୍ସ୍ୟ ଓ ପ୍ରାଣୀସମ୍ପଦ ହିତାଧିକାରୀଙ୍କ ମଧ୍ୟରେ ଆଲୋଚନା ହେବ ବୋଲି ମୁଖ୍ୟ ଜିଲ୍ଲା ପ୍ରାଣୀ ଚିକିତ୍ସା ଅଧିକାରୀ ଓ ଜିଲ୍ଲା ମତ୍ସ୍ୟ ଅଧିକାରୀ ସୂଚନା ଦେଇଛନ୍ତି । ମତ୍ସ୍ୟ ଓ ପ୍ରାଣୀସମ୍ପଦ ଚାଷ କ୍ଷେତ୍ରରେ ଶ୍ରେଷ୍ଠ ହିତାଧିକାରୀଙ୍କୁ ଏହି ମେଳାରେ ପୁରସ୍କୃତ କରାଯିବ ।

ବୌଦ୍ଧ କଚେରି ପଡ଼ିଆଠାରେ ଚାଲିଥିବା ଜିଲ୍ଲାସ୍ତରୀୟ ମତ୍ସ୍ୟ ଓ ପ୍ରାଣୀସମ୍ପଦ ମେଳା ଉଦ୍‌ଯାପିତ ହୋଇଯାଇଛି । ଚାଷୀମାନଙ୍କର ଆର୍ଥିକ ସ୍ଥିତି

ସୁଦୃଢ଼ କରିବାପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିଭାଗ ଅଧୀନରେ ବିଭିନ୍ନ ଯୋଜନାରେ ଆର୍ଥିକ ସହାୟତା ଯୋଗାଇ ଦିଆଯାଉଥିବା ବିଭାଗୀୟ ଅଧିକାରୀମାନେ କହିଛନ୍ତି । ଏହି ଅବସରରେ ସଫଳ ପଶୁପାଳନ ଓ ମତ୍ସ୍ୟଚାଷୀଙ୍କୁ ପୁରସ୍କୃତ କରାଯାଇଥିଲା ।

ଯାଜପୁର ସହରର କୁସୁମା ପଡ଼ିଆରେ ଜିଲ୍ଲାସ୍ତରୀୟ ମତ୍ସ୍ୟ ଓ ପ୍ରାଣୀସମ୍ପଦ ମେଳାକୁ ଜିଲ୍ଲାପାଳ ପି. ଅନ୍ୱେଷା ରେଡ୍ଡୀ ଉଦ୍‌ଘାଟନ କରିଛନ୍ତି । ଗୋପାଳନ, କୁକୁଡ଼ା ଏବଂ ଛେଳିପାଳନ କରି ଚାଷୀମାନେ କିପରି ନିଜର ଆର୍ଥିକ ସ୍ଥିତିକୁ ସୁଧାରିପାରିବେ, ସେ ସମ୍ପର୍କରେ ଜିଲ୍ଲାପାଳ ବିସ୍ତୃତ ଭାବେ ଆଲୋଚନା କରିଥିଲେ । ଏହି କାର୍ଯ୍ୟକ୍ରମରେ 'ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନା', ଲିଙ୍ଗ ନିରୂପିତ ଶୁକ୍ରାଣୁଦ୍ୱାରା କୃତ୍ରିମ ପ୍ରଜନନ ମାଇ ବାଛୁ ଜନ୍ମ, ଛେଳିମାନଙ୍କର କୃତ୍ରିମ ପ୍ରଜନନ, ଗାଈ, ମଇଁଷି, ଘୁଷୁରୀ ପାଳନ ସମ୍ବନ୍ଧରେ ବିଭାଗୀୟ ଅଧିକାରୀମାନେ ଆଲୋଚନା କରିଥିଲେ । ସରକାରଙ୍କ ବିଭିନ୍ନ ଯୋଜନାର ସଫଳ ରୂପାୟନ ପାଇଁ ୩୨ଟି ଷ୍ଟଲ୍ ପ୍ରଦର୍ଶିତ ହୋଇଥିଲା ।

***Sambalpur/R***

## ଜି.ଏସ୍.ଟି. - ସଚେତନତା ରଥ

ଦ୍ରବ୍ୟ ଓ ସେବାକର - ଜି.ଏସ୍.ଟି. ବିଭାଗ ସମ୍ବଲପୁର ମଣ୍ଡଳ-୧ ପକ୍ଷରୁ ଏକ ସଚେତନତା ରଥର ଶୁଭାରମ୍ଭ କରାଯାଇଛି । ଟିକସଦାତା ଏବଂ

ବ୍ୟବସାୟୀମାନେ ଯେପରି ଠିକ୍ ସମୟରେ ଟିକସ ଦାଖଲ କରିବେ, ସେ ସମ୍ବନ୍ଧରେ ସଚେତନତା ରଥରେ ବାର୍ତ୍ତା ଦିଆଯାଉଛି । ଏହାଛଡ଼ା ଜି.ଏସ୍.ଟି. ସର୍ବକ୍ଷମା ଯୋଜନା-୨୦୨୪ ସମ୍ପର୍କରେ ମଧ୍ୟ ବ୍ୟବସାୟୀମାନଙ୍କୁ ସଚେତନ କରାଯାଉଛି । ସର୍ବକ୍ଷମା ଯୋଜନାରେ ୨୦୧୭-୧୮, ୧୮-୧୯ ଏବଂ ୨୦୧୯-୨୦ ଆର୍ଥିକ ବର୍ଷପାଇଁ ଜି.ଏସ୍.ଟି. ବାବଦରେ ଯେଉଁ ବ୍ୟବସାୟୀମାନେ ନୋଟିସ୍ ପାଇଛନ୍ତି, ସେମାନେ କେବଳ କରରାଶି ପୈଠ କରି ସୁଧ ଏବଂ ଜରିମାନାରୁ ଛାଡ଼ ପାଇପାରିବା ନେଇ ସଚେତନତା ବାର୍ତ୍ତା ଦିଆଯାଉଛି । ଆସନ୍ତାକାଲି ପର୍ଯ୍ୟନ୍ତ ସଚେତନତା ରଥ ସମ୍ବଲପୁର ସହରର ପ୍ରମୁଖ ବ୍ୟାବସାୟିକ ପେଣ୍ଠସ୍ଥଳୀଗୁଡ଼ିକରେ ସର୍ବକ୍ଷମା ସଚେତେନତା ବାର୍ତ୍ତା ପହଞ୍ଚାଉଛି ।

***Ganjam/R***

## ପାନୀୟ ଜଳ ପ୍ରକଳ୍ପ

ଗଞ୍ଜାମ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ମଧୁମିତା ଆଜି ଛତ୍ରପୁର ବ୍ଲକ ଅନ୍ତର୍ଗତ ଗଙ୍ଗାପୁର ସ୍ଥିତ ଋଷିକୂଲ୍ୟାନଦୀ ନିକଟରେ ନିର୍ମାଣ ଚାଲିଥିବା ମେଗା ପାନୀୟ ଜଳ ପ୍ରକଳ୍ପ ସ୍ଥଳ ପରିଦର୍ଶନ କରିବା ସହିତ ଏହାର ଅଗ୍ରଗତିର ସମୀକ୍ଷା କରିଛନ୍ତି । ଏହି ପ୍ରକଳ୍ପ କାର୍ଯ୍ୟକ୍ଷମ ହେଲେ ଛତ୍ରପୁର ବ୍ଲକର ୧୮ଟି ପଞ୍ଚାୟତ ଏବଂ ରଙ୍ଗେଇଲୁଣ୍ଡା ବ୍ଲକର ବହୁ ପଞ୍ଚାୟତର ଜନସାଧାରଣ ପାନୀୟ ଜଳର ସୁବିଧା ପାଇବେ ।

*Puri, Ganjam/R*

# ବିଶ୍ୱ ଶିଶୁ ଦିବସ

ଶିଶୁମାନେ ହେଉଛନ୍ତି ଭବିଷ୍ୟତର ନାଗରିକ । ଶିଶୁଟି ସୁରକ୍ଷିତ ଓ ଖୁସିରେ ରହିପାରିଲେ ତା'ର ଭବିଷ୍ୟତ ସୁରକ୍ଷିତ ହୋଇପାରିବ । ଜାତିସଂଘର ସାଧାରଣ ପରିଷଦରେ ୧୯୫୯ ମସିହାରେ ଆଜିର ଦିନରେ ଶିଶୁ ଅଧିକାର ସମ୍ପର୍କିତ ଘୋଷଣାନାମା ଏବଂ ୧୯୮୯ ମସିହାରେ ଶିଶୁ ଅଧିକାର ସମ୍ପର୍କିତ ସମ୍ମିଳନୀରେ ଶିଶୁ ଦିବସ ପାଳନ ପାଇଁ ସମସ୍ତ ରାଷ୍ଟ୍ର ସମ୍ମତି ପ୍ରଦାନ କରିଥିଲେ । ଭାରତରେ ଶିଶୁଦିବସ ନଭେମ୍ବର ୧୪ ତାରିଖରେ ପାଳନ କରାଯାଇଥାଏ । ବିଶ୍ୱ ଶିଶୁଦିବସ ଅବସରରେ ରାଜ୍ୟର ବିଭିନ୍ନ ଜିଲ୍ଲାରେ ଶିଶୁ ଅଧିକାର ସମ୍ପର୍କିତ କାର୍ଯ୍ୟକ୍ରମମାନ ଆୟୋଜନ କରାଯାଇଛି ।

ୟୁନିସେଫ୍, ଓଡ଼ିଶା ଶାଖା ପକ୍ଷରୁ ପୁରୀ ବେଳାଭୂମିରେ ବାଲୁକା ଶିଳ୍ପୀ ମାନସ ସାହୁ କରିଥିବା ଶିଶୁ ଅଧିକାର ସମ୍ପର୍କିତ ଏକ ବାଲୁକା କଳା ପ୍ରଦର୍ଶିତ ହେଉଛି । 'ଭବିଷ୍ୟତ ପାଇଁ ଆହ୍ୱାନ' ବାର୍ତ୍ତାକୁ ନେଇ ପିଲାମାନଙ୍କର ହସମୁଖ ଚେହେରା ବାଲୁକା କଳାରେ ପ୍ରଦର୍ଶିତ ହୋଇଛି ।

ଗଞ୍ଜାମ ଜିଲ୍ଲା ଛତ୍ରପୁରସ୍ଥିତ ଜିଲ୍ଲା ସମଗ୍ର ଶିକ୍ଷା କାର୍ଯ୍ୟାଳୟଠାରେ 'ୟୁଥ୍ ଫର୍ ସୋସିଆଲ୍ ଡେଭଲପ୍‌ମେଣ୍ଟ' ଓ ୟୁନିସେଫ୍‌ର ମିଳିତ ସହଯୋଗରେ ଜିଲ୍ଲାସ୍ତରୀୟ ବିଶ୍ୱ ଶିଶୁ ଦିବସ ପାଳିତ ହୋଇଯାଇଛି । ଶିଶୁମାନଙ୍କ ଉନ୍ନତି

ପାଇଁ କାର୍ଯ୍ୟ କରୁଥିବା କିଶୋର-କିଶୋରୀମାନଙ୍କୁ ଏହି ଅବସରରେ ସମ୍ମାନିତ କରାଯାଇଥିଲା ।

***Puri/R***

## ବାଲିଯାତ୍ରା

କଟକ ବାଲିଯାତ୍ରାର ଅବଧି ଆଉ ଗୋଟିଏ ଦିନ ବୃଦ୍ଧି କରାଯାଇଛି । ଲୋକଙ୍କ ଆଗ୍ରହ ଏବଂ ଉତ୍ସାହକୁ ଦୃଷ୍ଟିରେ ରଖି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ନିଷ୍ପତ୍ତି ନେଇଛନ୍ତି । ବାଲିଯାତ୍ରା ୨୨ ତାରିଖ ଶୁକ୍ରବାର ପରିବର୍ତ୍ତେ ୨୩ ତାରିଖ ଶନିବାର ଦିନ ଶେଷ ହେବ । ବାଲିଯାତ୍ରାର ଷଷ୍ଠ ଦିନରେ ଆଜି ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ସହିତ ଅନେକ ମନୋରଞ୍ଜନଭିତ୍ତିକ କାର୍ଯ୍ୟକ୍ରମମାନ ଚାଲିଛି ।

***Nabarangpur/R***

## ମଣ୍ଡେଇ

ନବରଙ୍ଗପୁର ଜିଲ୍ଲାର ସାଂସ୍କୃତିକ ଗଣପର୍ବ ତଥା ଲୋକ ମହୋତ୍ସବ 'ମଣ୍ଡେଇ-୨୦୨୪'ର ଆରମ୍ଭ ହୋଇଛି । ନନ୍ଦାହାଣ୍ଡି ବ୍ଲକ୍ ଅନ୍ତର୍ଗତ ଧଣ୍ଡରା ଗ୍ରାମର ଶ୍ରୀଝାଡେଶ୍ୱର ଶୈବପୀଠ ଓ ମା' ଡଙ୍ଗରଦେଇ ମନ୍ଦିରରେ ପାରମ୍ପରିକ

ରୀତିରେ ପୂଜାର୍ଚ୍ଚନା ପରେ ଉତ୍ସବର ଶୁଭାରମ୍ଭ ହୋଇଛି । କାର୍ଯ୍ୟକ୍ରମରେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ବିଧାୟକ ଗୌରୀଶଙ୍କର ମାଝୀ, ନରସିଂହ ଭତରା ଓ ମନୋହର ରନ୍ଧାରୀ ପ୍ରମୁଖ ଯୋଗ ଦେଇଥିଲେ ।

*****